## କିଶୋର ଓ କିଶୋରୀମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ "ବାଲ୍ୟ ବିବାହକୁ ନା' ଓ ବିଦ୍ୟାଳୟକୁ ହଁ"

ତା ୨୨/୧୦/୨୦୧୯, ଢେଙ୍କାନାଳ, ମଙ୍ଗଳବାର ଦିନ ଜିଲ୍ଲା ପ୍ରଶାସନ, ଆକ୍ସନ ଏଡ ଓ ୟୁନିସେଫ ଓଡିଶାର ମିଳିତ ସହଯୋଗରେ କିଶୋର ଓ କିଶୋରୀମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ "ବାଲ୍ୟ ବିବାହକୁ ନା' ଓ ବିଦ୍ୟାଳୟକୁ ହଁ" କାମାକ୍ଷା ପ୍ରସାଦ ଉଚ୍ଚ ବିଦ୍ୟାଳୟ, ଗୋବିନ୍ଦପୁର ଠାରେ ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀମାନଙ୍କୁ ଜୀବନରେ ଶିକ୍ଷାର ଆବଶ୍ୟକତା ବିଷୟରେ ବୁଝାଯାଇଥିଲା । ସେମାନେ କିପରି ଶିକ୍ଷାକୁ ସେମାନଙ୍କ ଜୀବନର ମୂଳମନ୍ତ୍ର କରିବେ ତାହା ଉପରେ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହ ବା କମ ବୟସରେ ବିବାହ କରିବା ଦ୍ୱାରା କଣ ସବୁ ଅସୁବିଧା ହେଉଛି, ଯେପରିକି; ଅଧାରୁ ପାଠ ଛାଡିବା, ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ପକାଇବା, କମ ବୟସରେ ମା'ହେବା ଇତ୍ୟାଦି କୁ ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା । ଏହା ବ୍ୟତୀତ ଶିଶୁ ଶ୍ରମିକ ର କୁ ପରିଣତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଛାତ୍ର ଛାତ୍ରୀମାନଙ୍କୁ ସୂଚନା ଦିଆଯାଇଥିଲା ଯେ କୌଣସି ଯାଗାରେ ବାଲ୍ୟ ବିବାହ ହେଉଥିବାର କିମ୍ବା ଶିଶୁ ଶ୍ରମିକ ଦେଖିଲେ ବା ଜାଣିଲେ ୧୦୯୮ କୁ ଜଣାଇବା ଲାଗି । ଏହାପରେ ବାଲ୍ୟ ବିବାହ ନ କରିବା ଏବଂ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଏହି ପ୍ରଥାକୁ ସମର୍ଥନ ନ କରିବା ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ସମସ୍ତେ ଶପଥ ନେଇଥିଲେ । ବିବାହ ବୟସକୁ ଝିଅମାନଙ୍କ କ୍ଷେତ୍ରରେ ୧୮ ଓ ପୁଅମାନଙ୍କ କ୍ଷେତ୍ରରେ ୨୧ ବର୍ଷରେ ସୀମିତ ନ ରଖି କିପରି କିଶୋର ଓ କିଶୋରୀ ମାନେ ନିଜେ ନିଜର ଭବିଷ୍ୟତ ଗଢିପାରିବେ ସେହି ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଥିଲା । ପରିଶେଷରେ ବାଲ୍ୟ ବିବାହ କୁ ବନ୍ଦ କରିବା ଲାଗି ଏକ ଦସ୍ତଖତ ଅଭିଯାନ ମଧ୍ୟ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତି ଅନୁରାଧା ଗୋସ୍ୱାମୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ରାୟ, ପ୍ରଧାନ ଶିକ୍ଷକ ଶ୍ରୀ ଅକ୍ଷୟ କୁମାର ପତି, ମଣ୍ଡଳ ପରିଦର୍ଶିକା ଶ୍ରୀମତୀ ନିବେଦିତା ତ୍ରିପାଠୀ, ଚାଇଲ୍ଡ଼ ଲାଇନ ସଦସ୍ୟ ସନନ୍ଦ କୁମାର ବେହେରା,ଆକ୍ସନ ଏଡ ର ଜିଲ୍ଲା ସଞ୍ଯୋଜିକା ଶ୍ରୀମତୀ ଅଙ୍ଗୁର ମିଶ୍ର, ଅଙ୍ଗନ ବାଡି କର୍ମକର୍ତ୍ତା, ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଯୋଗଦାନ କରିଥିଲେ ।